SAMBAD
ସମ୍ବାଦ

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟା ଲଘୁ ଓ ଅନଗ୍ରସର କଲ୍ୟାଣ ବିଭାଗ

## ଓଡିଶା ମଡେଲ ଟ୍ରାଇବଲ ଏଜୁକେଶନ ସୋସାଇଟି (OMTES)

### ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (Eklavya Model Residential School), କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (Kalinga Model Residential School) ଏବଂ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (Biju Pattanaik Adarsha Vidyalaya) ରେ ଶିକ୍ଷା ବର୍ଷ ୨୦୨୫ -୨୬ ନିମନ୍ତେ ଛାତ୍ରଛାତ୍ରୀଙ୍କର ନାମଲେଖା ଆବେଦନ ନିମନ୍ତେ ବିଜ୍ଞାପନ

**CAD-**

ଭାରତ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ଏବଂ ଓଡିଶା ମଡେଲ ଟ୍ରାଇବଲ ଏଜୁକେଶନ ସୋସାଇଟି (OMTES), ଭୁବନେଶ୍ୱର ଦ୍ୱାରା ପରିଚାଳିତ ୪୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (Ekalavya Model Residential School); ରାଜ୍ୟ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ୯ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (Kalinga Model Residential School) ଏବଂ ୧ଟି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (Biju Pattanaik Adarsha Vidyalaya) ରେ ଶିକ୍ଷା ବର୍ଷ ୨୦୨୫ -୨୬ ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀଙ୍କୁ ଏବଂ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟରେ ୬୦ ଜଣ ଛାତ୍ର ଓ ୬୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ।

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧.୦୧.୨୦୨୫ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ତଥା ତତସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟା ଲଘୁ ଓ ଅନଗ୍ରସର କଲ୍ୟାଣ ବିଭାଗର ୱେବସାଇଟ (https://stsc.odisha.gov.in/) ଏବଂ ଓଡିଶା ମଡେଲ ଟ୍ରାଇବଲ ଏଜୁକେଶନ ସୋସାଇଟିର ୱେବସାଇଟ (http://www.omtes.org/) ରୁ ପାଇ ପାରିବେ। ଉକ୍ତ ପ୍ରବେଶିକା ପରୀକ୍ଷା ୨୩.୦୨.୨୦୨୫ ତାରିଖ (ରବିବାର) ଦିବା ୧୦.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ସ୍ୱା/- ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି)ଏବଂ ସେକ୍ରେଟାରୀ,
ଓ.ଏମ.ଟି.ଇ.ଏସ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

**OIPR 26009/11/0010/2425**